ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 62/13-04-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୩ ଅପ୍ରେଲ, ୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଲୋକସେବା ଭବନ ପରିସରସ୍ଥ କନ୍‌ଭେନ୍‌ସନ୍ ହଲ୍‌ରେ ଓଡ଼ିଶା ଖଣି ନିଗମରେ ନବନିଯୁକ୍ତ ୧୦୦ ଜଣ କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକଙ୍କ ଉନ୍ମୁଖୀକରଣ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ୫-'ଟି' ସୂତ୍ର ଅଧୀନରେ ଦୁଇଟି ସୂଚନା ପ୍ରଯୁକ୍ତି-ସକ୍ଷମ ମଡ୍ୟୁଲ ଲୋକାର୍ପିତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବନିଯୁକ୍ତ କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକମାନଙ୍କୁ ସ୍ୱଚ୍ଛତା ଏବଂ ଦଳଗତ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରିବାକୁ ପରାମର୍ଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଏବଂ ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ପ୍ରମୁଖ ଯୋଗଦାନ ଦେଇଥିବାରୁ ଓଡ଼ିଶା ଖଣି ନିଗମକୁ ପ୍ରଶଂସା କରିଛନ୍ତି । ଦେଶରେ ଦ୍ରୁତ ଅଗ୍ରଗତି କରୁଥିବା ସରକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟରେ ଅନ୍ୟତମ ଓଡ଼ିଶା ଖଣି ନିଗମରେ ଏହି ଦୁଇଟି ସୂଚନା ପ୍ରଯୁକ୍ତି ବ୍ୟବସ୍ଥା ଲାଗୁ ହେବା ଫଳରେ ଏହାର ବ୍ୟବସାୟିକ ଧାରା ଅଧିକ ସୁଦୃଢ଼ ହେବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ 'ଗନ୍ଧମାର୍ଦ୍ଦନ ଲୁହା ଖଣି ଟ୍ରାଫିକ୍ ଏବଂ ଲୁହା ପଥର ପ୍ରେରଣ ସ୍ୱୟଂକ୍ରିୟ ପ୍ରକଳ୍ପ' ହେଉଛି ଏକ ବୈଷୟିକ-ସକ୍ଷମ ସମାଧାନ ଯାହା ସୁରକ୍ଷା ମାନ ଏବଂ ସ୍ୱଚ୍ଛତାର ସହ ଖଣିରୁ ଟ୍ରାଫିକ୍ ପରିଚାଳନାକୁ ସୁନିଶ୍ଚିତ କରିଥାଏ । ଅନ୍ୟ ସୂଚନା ପ୍ରଯୁକ୍ତି ମଡ୍ୟୁଲ 'ଭେଣ୍ଡର ଇନ୍‌ଭଏସ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍(VIMS)' ଠିକ୍ ସମୟରେ ଦେୟ ପ୍ରଦାନ ଏବଂ ସ୍ୱଚ୍ଛତା ରକ୍ଷା ଉଦ୍ଦେଶ୍ୟରେ ଓଡ଼ିଶା ଖଣି ନିଗମର ବିକ୍ରେତାମାନଙ୍କର ଇନ୍‌ଭଏସ୍ ପ୍ରକ୍ରିୟାକରଣ ନିମନ୍ତେ ଏକ ଡିଜିଟାଲ୍ ପ୍ଲାଟ୍‌ଫର୍ମ ପ୍ରଦାନ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମନ୍ତ୍ରୀ, ଇସ୍ପାତ ଓ ଖଣି ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର କୁମାର, ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବଲୱନ୍ତ ସିଂ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ବାଲେଶ୍ୱର ମୁନିସିପାଲିଟିର ସର୍ବାଙ୍ଗୀନ ବିକାଶ ନିମନ୍ତେ ତାଙ୍କ ପ୍ରତିବଦ୍ଧତାକୁ ଦୋହରାଇ ୧୫୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟ ପାଇଁ ଏହି ଘୋଷଣା କରିବା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୮ କୋଟି ଟଙ୍କା ବିନିଯୋଗରେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡର ଉନ୍ନତିକରଣ, ତିମୁଳିଆ ଗେଟ୍ ଫ୍ଲାଇ ଓଭରଠାରୁ ଷ୍ଟେସନ୍ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ସହ ଏହାକୁ ଛଅ ଥାକିଆ ଏବଂ ଆଲୋକୀକରଣ କରାଯିବା ସହିତ ୭୦ କୋଟି ଟଙ୍କା ବ୍ୟୟରେ ବାଲେଶ୍ୱର ମୁନିସିପାଲିଟିର ସମସ୍ତ ମୁଖ୍ୟ ରାସ୍ତାର ଉନ୍ନତିକରଣ ହେବ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୪ କୋଟି ଟଙ୍କା ବ୍ୟୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ ଏବଂ ଉଦୀୟମାନ କ୍ରୀଡ଼ାବିତ୍‌ଙ୍କ ପାଇଁ ବୃତ୍ତିଗତ କୋଚିଂ ଏବଂ ଉଚ୍ଚସ୍ତରୀୟ ଭିତ୍ତିଭୂମି ନିମନ୍ତେ ବୁଢ଼ାବଳଙ୍ଗ ନଦୀକୂଳର ସୁରକ୍ଷା ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ୫୩ କୋଟି ଟଙ୍କା ବ୍ୟୟ କରାଯିବ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୦ କୋଟି ଟଙ୍କା ବ୍ୟୟରେ ବାଲେଶ୍ୱର ମୁନିସିପାଲିଟି ପକ୍ଷରୁ ଡ୍ରେନେଜ୍, ରାସ୍ତା ଓ ଜଳଉତ୍ସଗୁଡ଼ିକର ବିକାଶ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ମେଡିକାଲ କଲେଜ୍‌ରେ ଏକ ଟିଚିଂ ହସ୍‌ପିଟାଲ୍ ନିର୍ମାଣ ନିମନ୍ତେ ୨୭୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଥିବାବେଳେ ଭିତ୍ତିଭୂମି ବିକାଶ ନିମନ୍ତେ ୧୫ କୋଟି ଟଙ୍କା ବ୍ୟୟ କରାଯାଉଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ୧୯୧୯ରେ ସଂଘଟିତ ଜାଲିଆନୱାଲା ବାଗ୍ ନରସଂହାରରେ ଜୀବନ ହରାଇଥିବା ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଦେଶ କେବେ ବି ସେମାନଙ୍କର ସର୍ବୋଚ୍ଚ ବଳୀଦାନ ଭୁଲି ପାରିବ ନାହିଁ ଏବଂ ଆମ ମାତୃଭୂମି ପ୍ରତି ମମତାକୁ ଏହା ଅନୁପ୍ରେରିତ କରୁଥିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମନ୍ଦିରମାଳିନୀ ସହରରୁ ଭୁବନେଶ୍ୱର ଆଜି ପ୍ରକୃତରେ ଏକ ବିଶ୍ୱସ୍ତରୀୟ ସହର, ସ୍ମାର୍ଟ ସିଟି ଏବଂ ଭାରତର କ୍ରୀଡ଼ା ରାଜଧାନୀ ହେବାର ଗୌରବ ଅର୍ଜନ କରିପାରିଛି । ସ୍ମାରକୀ, ସଂସ୍କୃତି ଏବଂ ଐତିହ୍ୟର ସୁରକ୍ଷା ସହିତ ଏହାକୁ ଜୀବନଯାପନ ପାଇଁ ଏକ ଉପଯୁକ୍ତ ସହର ଭାବରେ ଗଢ଼ିତୋଳିବା ନିମନ୍ତେ ଆମର ନିରନ୍ତର ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ୨୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ 'ଅନ୍ୱେଷା' ଯୋଜନାକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜ୍ୟ ସରକାର ଏଥିପାଇଁ ୫୬୯ କୋଟି ଟଙ୍କା ବ୍ୟୟ କରିବେ ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

- ରାଜ୍ୟରେ ପ୍ରଥମ କରି ସ୍ଥାପନ ହେଉଥିବା ବାଗ୍‌ଚୀ-କରୁଣାଶ୍ରୟ ପାଲିଆଟିଭ୍ ଯତ୍ନ ଗୃହକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ଡାକ୍ତରଖାନାରେ ୧୦୦ ଶଯ୍ୟା ରହିବ ଏବଂ ଏହା ପରବର୍ତ୍ତୀ ସମୟରେ ସଂପ୍ରସାରିତ ହେବ ତଥା ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ପ୍ରଦାନ କରାଯିବ ।

- ଭୁବନେଶ୍ୱରଠାରେ ବାଗ୍‌ଚୀ- ଶ୍ରୀ ଶଙ୍କର କ୍ୟାନସର୍ ହସ୍‌ପିଟାଲ୍ ଓ ଗବେଷଣା ପ୍ରତିଷ୍ଠାନ ସ୍ଥାପନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଏଥିରେ ୨୫୦ଟି ଶଯ୍ୟା ରହିବ ଓ ପରେ ଏହା ୫୦୦କୁ ବୃଦ୍ଧି ପାଇବ । ସୁବ୍ରତ ବାଗ୍‌ଚୀ ଏବଂ ସୁସ୍ମିତା ବାଗ୍‌ଚୀ ଏହି ଦୁଇ ପ୍ରକଳ୍ପ ପାଇଁ ୩୪୦ କୋଟି ଟଙ୍କା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି ।

➢ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ମିଳିତ ଉଦ୍ୟମରେ ଆଜି ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସଂପର୍କ, ଜଳସଂପଦ ଶ୍ରୀ ରଘୁନନ୍ଦନ ଦାସ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ କୁମାର ମହାନ୍ତି, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୪,୨୮,୪୬୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୫୩, ୦୮୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୪୦, ୬୦୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୩୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟ ୧୦,୫୦୩ ରହିଛି ।
- ୧୦,୫୦୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**